# NATIONAL NEWS BULLETIN (ODIA)

## 6 May - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭିଏତନାମ ରାଷ୍ଟ୍ରପତିଙ୍କ ସହିତ ଆଜି ନୂଆଦିଲ୍ଲୀଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

– ୨୦୩୦ ମସିହା ସୁଦ୍ଧା ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ପରିମାଣକୁ ୨୫ ବିଲିୟନ୍ ଡଲାରରେ ପହଁଞ୍ଚାଇବାର ଲକ୍ଷ୍ୟ ରହିଛି ବୋଲି ଦେଲେ ସୂଚନା

- ଭାରତ–ଜାପାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରତିବଦ୍ଧତା ଦୋହରାଇଲେ ଦୁଇଦେଶ

- ରାଜ୍ୟ ବିଧାନସଭା ଗୁଡ଼ିକର ନିର୍ବାଚନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଇ.ସି.ଆଇ. ନେଟ୍ ଆପ୍

ଏବଂ

- ଆଇପିଏଲ କ୍ରିକେଟର ଆଜିକାର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗ୍‌ସ

# ପିଏମ୍– ଭିଏତନାମ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଏତନାମ ରାଷ୍ଟ୍ରପତି ତୋ ଲାମ୍‌ଙ୍କ ସହିତ ଆଜି ଅପରାହ୍ନରେ ନୂଆଦିଲ୍ଲୀଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି। ବିଶେଷ କରି ଦୁଇଦେଶ ମଧ୍ୟରେ ବିବିଧ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରୀ ଓ ଦ୍ୱିପକ୍ଷୀୟ ସମ୍ପର୍କ ସମେତ ଆପୋଷ ସ୍ୱାର୍ଥଜଡ଼ିତ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ସମ୍ପର୍କିତ ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଥିଲା। ଏହି ଆଲୋଚନା ପରେ ଉଭୟ ନେତାଙ୍କ ଉପସ୍ଥିତିରେ ଭାରତ ଓ ଭିଏତନାମ ମଧ୍ୟରେ ଡିଜିଟାଲ ଜ୍ଞାନକୌଶଳ, ବିରଳ ମୃତ୍ତିକା, ମେଡିକାଲ ସାମଗ୍ରୀ ଅଧିନିୟମ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଡିଟ୍, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା, ସଂସ୍କୃତି ଓ ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ’ ରାଷ୍ଟ୍ରପତି ଶ୍ରୀ ଲାମ୍‌ଙ୍କ ସହ ମିଳିତ ଭାବେ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ଭିଏତନାମର ରାଷ୍ଟ୍ରପତି

ଦାୟିତ୍ୱ ଗ୍ରହଣ କରିବାର ଏକ ମାସ ମଧ୍ୟରେ ସେ ଭାରତ ଗସ୍ତ କରିଛନ୍ତି। ଏହାଦ୍ୱାରା ଭାରତ–ଭିଏତନାମ ସମ୍ପର୍କକୁ ଶ୍ରୀ ଲାମ୍ କେତେ ଗୁରୁତ୍ୱ ଦିଅନ୍ତି ତାହା ପ୍ରତିଫଳିତ ହେଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭିଏତନାମର ପୁରାତନ ଚମ୍ପା ସଭ୍ୟତାର ଐତିହ୍ୟଗୁଡ଼ିକୁ ଭାରତରେ ସଂରକ୍ଷିତ ରଖିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଶ୍ରୀ ଲାମ୍ ତାଙ୍କର ଗସ୍ତ ବିହାରର ବୌଦ୍ଧଗୟା ପରିଦର୍ଶନ ସହିତ ଆରମ୍ଭ କରିଥିବାରୁ ଦୁଇ ଦେଶ ମଧ୍ୟରେ ଭାଗିଦାରୀ ଏକ ସଶକ୍ତ ସଭ୍ୟତାଗତ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରେ ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O–PM-ON-TO-LAM-VISIT**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଭାରତରୁ ଭିଏତନାମକୁ ଔଷଧ ରପ୍ତାନୀ ପରିମାଣ ବୃଦ୍ଧି ପାଇବ। ଏହାଛଡ଼ା କୃଷି, ମତ୍ସ୍ୟ ଓ ପଶୁଧନ ସାମଗ୍ରୀ ମଧ୍ୟ ସେଠାକୁ ସୁରୁଖୁରୁରେ ରପ୍ତାନୀ କରାଯାଇପାରିବ। ସେହିଭଳି ଦୁଇଦେଶର କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ସହିତ ଆର୍ଥିକ ସଂଯୋଗୀକରଣକୁ ପ୍ରୋତ୍ସାହନ ଦେବା ଲାଗି ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ଭାରତର ଆକ୍ଟ-ଇଷ୍ଟ ନୀତି ଏବଂ ଭିଜନ ମହାସାଗର ନୀତିରେ ଭିଏତନାମର ଏକ ପ୍ରମୁଖ ଭୂମିକା ରହିଛି। ଭାରତ–

ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରସଙ୍ଗରେ  ଉଭୟ ଦେଶ ଏକମତ ପୋଷଣ କରିଛନ୍ତି। ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ଆଇନଶୃଙ୍ଖଳା, ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ଉଭୟ ଦେଶ ମିଳିତ ପ୍ରୟାସ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ଭାରତ ଓ ଭିଏତନାମ ମଧ୍ୟରେ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ୧୬ ବିଲିୟନ ଡଲାରରେ ପହଁଞ୍ଚିଛି। ଆଗାମୀ ୨୦୩୦ ମସିହା ସୁଦ୍ଧା ଏହି ପରିମାଣକୁ ୨୫ ବିଲିୟନ୍ ଡଲାରରେ ପହଁଞ୍ଚାଇବାର ଲକ୍ଷ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O–PM-VIETNAM**

ଏହି ସାମ୍ବାଦିକ ସମ୍ମିଳନୀରେ ଭିଏତନାମ ରାଷ୍ଟ୍ରପତି କହିଛନ୍ତି, ଭାରତ ସହିତ ତାଙ୍କ ଦେଶର ୫୦ ବର୍ଷ ଧରି ସୁସମ୍ପର୍କ ରହିଆସିଛି। ଏତଦ୍‌ବ୍ୟତୀତ ଦୁଇ ଦେଶ ସମନ୍ୱିତ ରଣନୈତିକ  ଭାଗିଦାରୀକୁ ସଫଳତାର ସହ ୧୦ ବର୍ଷ ଧରି ନିର୍ବାହ କରିଆସିଛନ୍ତି। ବିଭିନ୍ନ ବୈଶ୍ୱିକ ତଥା ଆଞ୍ଚଳିକ ଏବଂ ଆପୋଷ ସ୍ୱାର୍ଥଜଡ଼ିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ଉଭୟ ଦେଶ ମିଳିତ ରଣନୈତିକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ରାଜନାଥ-ଭିଏତନାମ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀଠାରେ  ତାଙ୍କର ଭିଏତନାମ ପ୍ରତିପକ୍ଷ ତଥା ଉପପ୍ରଧାନମନ୍ତ୍ରୀ ଜେନେରାଲ ଫାନ୍ ଭାନ୍

ଗିଆଙ୍ଗ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବା ସହିତ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରାଯିବା ଉପରେ ଆଲୋଚନା କରାଯାଇଛି ।

## ଇଣ୍ଡିଆ-ଜାପାନ୍

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀଠାରେ ତାଙ୍କ ଜାପାନ ପ୍ରତିପକ୍ଷ ଓନୋଡା କିମିଙ୍କ ସହିତ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଡକ୍ଟର ସିଂହ’ ଦୁଇ ଦେଶ ମଧ୍ୟରେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ କ୍ଷେତ୍ରରେ ବହୁଦିନରୁ ରହିଆସିଥିବା ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ମିଳିତ ଗବେଷଣା, ଶିଳ୍ପ ଭାଗିଦାରୀ ଓ ସହବିକାଶ କ୍ଷେତ୍ରରେ ଦୁଇଦେଶ ଲାଗି ନୂତନ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଡକ୍ଟର ସିଂହ କହିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ତାଙ୍କର  ଜାପାନ ପ୍ରତିପକ୍ଷ’ ଭାରତର ତ୍ୱରିତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନବସୃଜନତା, କୃତ୍ରିମ ବୁଦ୍ଧିମତା ଆଦି କ୍ଷେତ୍ରରେ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ।

# ଇସି– ଇସିଆଇ ନେଟ୍ ଆପ୍

ଚଳିତ ବର୍ଷ ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ସମେତ ଅନ୍ୟ କେତେକ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ତଥା ସ୍ୱଚ୍ଛତା ବୃଦ୍ଧି କରିବା ଦିଗରେ ଭାରତୀୟ ନିର୍ବାଚନ କମିଶନଙ୍କ ଆଇ.ଟି. ପ୍ଲାଟଫର୍ମ ଇ.ସି.ଆଇ. ନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତର ନିର୍ବାଚନ ଆୟୋଗ ଏ ସମ୍ପର୍କରେ ଏକ ବିବୃତି ଜାରି କରି କହିଛନ୍ତି, ଏହି ଇ.ସି.ଆଇ. ନେଟ୍ ଆପ୍‌ର ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ଆଜି ସୁଦ୍ଧା ୧୦ କୋଟିରୁ ଅଧିକ ଡାଉନଲୋଡ୍ ହୋଇଥିବା ସୂଚନା ମିଳିଛି। ସେହିଭଳି ଆୟୋଗଙ୍କ ସାଇବର ସୁରକ୍ଷା ପ୍ରୋଟୋକଲ ଗଣତି ଦିନ ବିଭିନ୍ନ ସ୍ଥାନରୁ ଫଳାଫଳ ପୋର୍ଟାଲ ସମେତ ପ୍ରମୁଖ ନିର୍ବାଚନ ପ୍ଲାଟଫର୍ମଗୁଡ଼ିକ ଉପରେ ମନ୍ଦ ଉଦ୍ଦେଶ୍ୟ ରଖି ୬୮ ଲକ୍ଷରୁ ଅଧିକ ସାଇବର ଆକ୍ରମଣକୁ ପ୍ରତିହତ କରାଯାଇପାରିଛି। ଏତଦ୍‌ବ୍ୟତୀତ ଗଣତିକେନ୍ଦ୍ରଗୁଡ଼ିକରେ ସୁରକ୍ଷା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ନୂତନ

କ୍ୟୁ.ଆର୍. କୋର୍ଡ ଭିତ୍ତିକ ଫଟୋ ପରିଚୟପତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା ବୋଲି ନିର୍ବାଚନ ଆୟୋଗ କହିଛନ୍ତି।

# ଡବ୍ଲ୍ୟୁବି– ସ୍ୱେରିଙ୍ଗ ଇନ୍

ପଶ୍ଚିମବଙ୍ଗରେ ନୂତନ ବିଜେପି ସରକାର ଆସନ୍ତା ୯ ତାରିଖ ଶନିବାର ଦିନ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ଅବସରରେ ଶପଥ ଗ୍ରହଣ କରିବେ। ଏହି ସମାରୋହ ବ୍ରିଗେଡ୍ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନୂତନ ସରକାରଙ୍କ ଏହି ଶପଥ ଗ୍ରହଣ ଉତ୍ସବ ସେ ଦିନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପଶ୍ଚିମବଙ୍ଗରେ ପ୍ରମୁଖ ରାଜନୈତିକ ସମାବେଶ ଅନୁଷ୍ଠିତ ହେବାରେ ଏହି ବ୍ରିଗେଡ

ପ୍ୟାରେଡ୍ ପଡ଼ିଆର ଏକ ଐତିହାସିକ ମହତ୍ତ୍ୱ ରହିଥିବା ଦୃଷ୍ଟିରୁ ଶପଥ ଗ୍ରହଣ ଉତ୍ସବ ଲାଗି ଏହି ସ୍ଥଳକୁ ଚୟନ କରାଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଟିଏନ୍– ପଲିଟିକାଲ ସିଚ୍ୟୁଏସନ୍

ତାମିଲନାଡୁ ବିଧାନସଭା ନିର୍ବାଚନରେ ୧୦୮ ଆସନରେ ବିଜୟ ହେବା ପରେ ଟି.ଭି.କେ. ମୁଖ୍ୟ ସି.ଯୋଶେଫ ବିଜୟ’ ନୂତନ ସରକାର ଗଠନ କରିବା ଲାଗି ରାଜ୍ୟପାଳ ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ଦାବି ଜଣାଇଛନ୍ତି । ୫୧ ବର୍ଷୀୟ ବିଜୟ ଏହି ନିର୍ବାଚନରେ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି । ଇତିମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ଗିରିଶ ଚୋଦା’ ତାଙ୍କ ଦଳର ୫ ଜଣ ବିଧାୟକଙ୍କର ଟି.ଭି.କେ ପ୍ରତି ସମର୍ଥନ ସମ୍ପର୍କିତ ଏକ ପତ୍ର ଏହାର ମୁଖ୍ୟ ବିଜୟଙ୍କୁ ପ୍ରଦାନ କରିଛନ୍ତି ।

ଅନ୍ୟ ପକ୍ଷରେ ଡି.ଏମ୍.କେ ସହିତ ବର୍ତ୍ତମାନ ମେଣ୍ଟରେ ଥିବା ଭି.ସି.କେ.ର ମୁଖ୍ୟ ଟି.ଥିରୁମାଭା’ଲାଭାନ କହିଛନ୍ତି, ଟି.ଭି.କେ ମେଣ୍ଟରେ ଯୋଗଦେବା ଲାଗି ଯଦି ପ୍ରସ୍ତାବ ଆସେ ତେବେ ତାଙ୍କ ଦଳ ଏ ସମ୍ପର୍କରେ ନିଷ୍ପତ୍ତି ନେବ । ଭି.ସି.କେ. ଦଳର ବର୍ତ୍ତମାନ ଦୁଇଜଣ ବିଧାୟକ ଅଛନ୍ତି ।

ପୂର୍ବରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟରେ ସରକାର ଗଠନ କରିବା ଲାଗି ଏକକ ବୃହତ ରାଜନୈତିକ ଦଳ ଭାବେ ଟି.ଭି.କେ.କୁ ଆମନ୍ତ୍ରଣ କରାଯିବ ବୋଲି ରାଜ୍ୟପାଳ ଗଣମାଧ୍ୟମକୁ କହିଛନ୍ତି। ଗତ ବର୍ଷ ଜାନୁଆରୀ ମାସରୁ କେରଳ ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିବା ଶ୍ରୀ ଆର୍ଲେକର ଗତ ମାର୍ଚ୍ଚ ୧୨ ତାରିଖରୁ ତାମିଲନାଡୁ ରାଜ୍ୟପାଳ ଭାବେ ଅତିରିକ୍ତ ତୁଲାଉଛନ୍ତି। ଆଜି ଅପରାହ୍ନରେ ସେ କେରଳରୁ ଆସି ଚେନ୍ନାଇରେ ପହଁଞ୍ଚିଛନ୍ତି।

## ଟ୍ରମ୍ପ– ଇରାନ୍

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଯଦି ଆମେରିକାର ସର୍ତ୍ତରେ ରାଜି ହୁଏ ତେବେ ଦୁଇଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧର ସମାପ୍ତି ଘଟିବ। ଏଥିସହିତ ହର୍ମୁଜ ପ୍ରଣାଳୀ ଅବରୋଧକୁ ମଧ୍ୟ ହଟାଇ ଦିଆଯିବ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି। ଶ୍ରୀ ଟ୍ରମ୍ପ କହିଛନ୍ତି, ଇରାନ୍ ଆମେରିକାର ଏହି ପ୍ରସ୍ତାବରେ ରାଜି ହେଲେ 'ଅପରେସନ୍ ଇପିକ୍ ଫ୍ୟୁରୀ'କୁ ତୁରନ୍ତ ବନ୍ଦ କରି ଦିଆଯିବ।

ଇରାନ୍ ଯଦି ଏଥିରେ ରାଜି ନ ହୁଏ ତେବେ ଆମେରିକା ପକ୍ଷରୁ ଆକ୍ରମଣକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ। ମିଳିଥିବା ସୂଚନା ଅନୁଯାୟୀ ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।